

# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ଫେବୃୟାରୀ-୨୦୨୦ (କୁମ୍ଭ ସଂକ୍ରାନ୍ତି) FEBRUARY - 2020

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ତା. ୫.୨.୨୦୨୦ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟଠାରେ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇସାରିଛି । ଏଥିରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି ।

❖ **ଅଦିନିଆ ରଥଯାତ୍ରା ବିରୋଧରେ ଦୃଢ଼ ପଦକ୍ଷେପ :** ବିଧି ଓ ପରମ୍ପରାକୁ ନଜରରେ ନରଖି ଦେଶ ତଥା ବିଦେଶରେ ଅନେକ ଧାର୍ମିକ ଅନୁଷ୍ଠାନ ଅଦିନରେ 'ରଥଯାତ୍ରା' ପାଳନ କରୁଛନ୍ତି । ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ ବୋଲି ଏହାକୁ ବିଭିନ୍ନ କ୍ଷେତ୍ରରେ ଘୋର ବିରୋଧ ଏବଂ ପ୍ରତିବାଦ ମଧ୍ୟ କରାଯାଉଛି । ଏହି ବିଷୟରେ ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ନିକଟ ଅତୀତରେ ମୁମ୍ବାଇରେ 'ଇସ୍କନ' ପକ୍ଷରୁ ରଥଯାତ୍ରା ପାଳନ କରାଯାଇଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ପ୍ରସଙ୍ଗରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଗାମୀ ଦିନରେ ଅଦିନରେ ରଥଯାତ୍ରା ନକରିବାକୁ ଚିଠିରେ ଦର୍ଶାଯିବ । ଏତତ୍ ସହିତ ଏଦିଗରେ ବିହିତ ପଦକ୍ଷେପ ନେବାକୁ 'ରାଜ୍ୟ ସରକାର'ଙ୍କୁ ମଧ୍ୟ ଅନୁରୋଧ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି ।



❖ **ଶ୍ରୀମହାପ୍ରଭୁଙ୍କ ଭୂ-ସମ୍ପତ୍ତି ପୁନରୁଦ୍ଧାର ସମ୍ପର୍କେ :** ଓଡିଶା ଏବଂ ଅନ୍ୟ ରାଜ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ହଜାର ହଜାର ଏକର ସମ୍ପତ୍ତି ରହିଛି । ଅନେକ ଜମିର ହିସାବ ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ପାଖରେ ନାହିଁ । ତେଣୁ ଏହିସବୁ ଜମି ଚିହ୍ନଟ କରାଯାଇ ଏହାର ସମ୍ପୂର୍ଣ୍ଣ ହିସାବ ରଖାଯିବ । ତେଣୁ ମହାପ୍ରଭୁଙ୍କ ଏହି ଜମିବାଡିଗୁଡିକର ସୁରକ୍ଷା ପାଇଁ ସରକାରୀ ସ୍ତରରେ ତଥା ରାଜ୍ୟ ରାଜସ୍ୱ ସଚିବଙ୍କ ଅଧ୍ୟକ୍ଷତାରେ ଏକ 'କମିଟି ଗଠନ' କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କମିଟି ମାସକୁ ଥରେ ସମୀକ୍ଷା କରିବ । ଯେତେସବୁ ଜିଲ୍ଲାରେ ମହାପ୍ରଭୁଙ୍କ ଜମି ରହିଛି, ସମ୍ପୃକ୍ତ ଜିଲ୍ଲାପାଳଙ୍କ ସହିତ ଭିଡିଓ କନ୍‌ଫେରେନ୍ସିଂ ମାଧ୍ୟମରେ ଯୋଗାଯୋଗ ରଖାଯିବ ।

❖ **ଶ୍ରୀମହାପ୍ରଭୁଙ୍କ ପଥର ଖଣି-ନିଲାମ ସଂପର୍କେ :** ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ମହାପ୍ରଭୁଙ୍କ ବିଭିନ୍ନ ଖଣିମାନଙ୍କରୁ ଆୟ ବଢ଼ିଛି । ଆଗାମୀ ଦିନରେ ଖଣିରୁ ଆହୁରି ଅଧିକ ଲାଭ ଲକ୍ଷ୍ୟ ନେଇ ଓଡିଶା ଖଣି ନିଗମ (O.M.C) ସହିତ ବୁଝାମଣା ହେବା ପାଇଁ ବୈଠକର ନିଷ୍ପତ୍ତି ଗ୍ରହଣ କରାଯାଇଛି ।

❖ **ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମାହାଲଗୁଡିକର ନିଲାମ ସଂପର୍କେ :** ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଥିବା ଥିବା ଇଜିରା ମାହାଲଗୁଡିକର ନିଲାମ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସମୀକ୍ଷା କରିବ । ଭକ୍ତମାନେ ଇଜିରା ଆଦାୟକାରୀଙ୍କ ଦ୍ୱାରା ଯେପରି ଶୋଷଣର ଶିକାର ନହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ସଭାକୁ ଅବଗତ କରିଥିଲେ । କେତେକ କମିଟି ସଦସ୍ୟ ବୈଠକରେ ଏହି ପ୍ରସଙ୍ଗ ଉଠାଇ ଇଜିରା ମାହାଲ ନିଲାମ ବନ୍ଦ ପାଇଁ ପରାମର୍ଶ ଦେବାରୁ, ଏହା ଉପରେ ବୈଠକରେ ତର୍ଜମା କରାଯାଇଥିଲା ।

❖ **ଚଳତ ବର୍ଷ ନାଗାର୍ଜ୍ଜୁନ ବେଶ ପ୍ରସ୍ତୁତି ସମ୍ପର୍କେ :** ଆସନ୍ତା ନଭେମ୍ବର ୨୭ ରେ ନାଗାର୍ଜ୍ଜୁନ ବେଶ ପଡୁଛି । ତେଣୁ ଏବେଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହେବ । ଚଳିତ ମାସରେ ପ୍ରଶାସନିକ ସ୍ତରରେ ପ୍ରଥମ ପ୍ରସ୍ତୁତି ବୈଠକ ବସିବ । ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସହ ସମନ୍ୱୟ ରଖି କାମ କରାଯିବା ନିମନ୍ତେ ବୈଠକରେ ବ୍ୟାପକ ଆଲୋଚନା କରାଯାଇଛି ।

❖ **ଶ୍ରୀମନ୍ଦିର ପାଣ୍ଠିକୁ ଜାତୀୟକରଣ ବ୍ୟାଙ୍କରେ ରଖାଯିବା ସଂମ୍ପର୍କେ :** ଏବେ କୌଣସି ଘରୋଇ ବ୍ୟାଙ୍କରେ ଆଉ ରହିବନି ଶ୍ରୀମନ୍ଦିର ପାଣ୍ଠି । ଜାତୀୟକରଣ ବ୍ୟାଙ୍କରେ ରଖାଯିବ ମହାପ୍ରଭୁଙ୍କ ଟଙ୍କା । ଏଥି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯିବ । ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ୫୦ ପ୍ରତିଶତ ଅର୍ଥ ଜମା ରହିବ । ଅନ୍ୟ ଦୁଇଟି ବ୍ୟାଙ୍କରେ ବଳକା ଟଙ୍କାକୁ ବାଣ୍ଟି ରଖାଯିବ ।ଫଳରେ ମହାପ୍ରଭୁଙ୍କ ପାଣ୍ଠି ସୁରକ୍ଷିତ ରହିପାରିବ ବୋଲି ବୈଠକରେ ସ୍ଥିର କରାଗଲା । ଶ୍ରୀମହାପ୍ରଭୁଙ୍କ କର୍ପସ ଫଣ୍ଡ ଏବଂ ସ୍ଥାୟୀ ଜମା ସମ୍ପର୍କରେ ସରକାରୀ ନିର୍ଦ୍ଦେଶନାମା ପାଳନ କରାଯିବ ।

❖ **ସେବକ କଲ୍ୟାଣ ଯୋଜନା ସଂମ୍ପର୍କେ :** ଶ୍ରୀମନ୍ଦିର ପ୍ରଶାସନର ସେବକ କଲ୍ୟାଣ ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ସହ ସହାୟତା ରାଶି ବୃଦ୍ଧି କରିବା ନିମନ୍ତେ ସ୍ଥିର କରାଯାଇଛି । ବିଜୁ ସ୍ୱାସ୍ଥ୍ୟ ବିମା ଯୋଜନା ପରି ଶ୍ରୀମନ୍ଦିରର ସେବକମାନଙ୍କୁ ୫ଲକ୍ଷ ଟଙ୍କାର ବୀମା ପ୍ରଦାନ ପାଇଁ କମିଟି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

❖ **ନୂତନ ସବ୍‌କମିଟି ଗଠନ ସମ୍ପର୍କେ :** ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ପଦ୍ଧତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ପୂର୍ବରୁ ଥିବା ୪ଟି କମିଟିକୁ ଭଙ୍ଗାଯାଇ ୨ଟି କମିଟିରେ ରୂପାନ୍ତରିତ କରାଯାଇଛି; ଯଥା- ଅର୍ଥ ସବ୍ କମିଟି ସହିତ ସଂସ୍ଥା ସବ୍ କମିଟି ଏବଂ ଜମି ସବ୍ କମିଟି ସହିତ ପ୍ରକଳ୍ପ ସବ୍ କମିଟିକୁ ମିଶାଇ ଦିଆଯାଇଛି । ଉଭୟ କମିଟିରେ ୨ଜଣ ପରିଚାଳନା କମିଟିର ସଭ୍ୟଙ୍କୁ ସଦସ୍ୟ ରୂପେ ଚୟନ କରାଯାଇଛି ।

❖ **ଶ୍ରୀମନ୍ଦିରରେ ସଂସ୍କାର ଆଣିବା ନିମନ୍ତେ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ସଂପର୍କେ :** ବୈଠକରେ ଏହି ପ୍ରସଙ୍ଗରେ ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ପ୍ରକାଶ କହିଥିଲେ ଯେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଆଦେଶ ଦେଇଛନ୍ତି, ତାହା ଖୁବ୍ ଶୀଘ୍ର ପାଳନ କରାଯିବ । ଏଥିପାଇଁ ଯାହା କିଛି ଆବଶ୍ୟକ ରହିଛି ତାହା ଖୁବ୍ ଶୀଘ୍ର ପୂରଣ କରାଯିବ । ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଲାଗି ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ତାହା ଆଗକୁ ଜାରି ରହିବ । ପ୍ରଶାସନ ଯାହା ସବୁ ପଦକ୍ଷେପ ନେଇଛି, ତାର ପ୍ରଥମ ବିବରଣୀ ଉଚ୍ଚତମ ନ୍ୟାୟାଳୟରେ ଦାଖଲ କରାଯାଇ ସାରିଛି । ଏତତ୍‌ବ୍ୟତୀତ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଭିତ୍ତିକରି ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ଦାନ ଦକ୍ଷିଣା ଆଦାୟ, ମହାପ୍ରସାଦ ଦର ନିର୍ଦ୍ଧାରଣ ଏବଂ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇବା ନିମନ୍ତେ ସ୍ଥିର କରାଯାଇଛି ।

ଏତତ୍‌ବ୍ୟତୀତ ଉକ୍ତ ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା- ଆଦର୍ଶ ଗୁରୁକୁଳ, ଐତିହ୍ୟ କରିଡରର ଜମିକୁ ମହାପ୍ରଭୁଙ୍କ ନାମରେ ରେକର୍ଡଭୁକ୍ତ କରିବା, ଶ୍ରୀମନ୍ଦିର ରୋଷଶାଳା ମରାମତି ଏବଂ ମହାପ୍ରସାଦ ପ୍ରସ୍ତୁତିରେ ଶୃଙ୍ଖଳା ଆଣିବା ଏବଂ ଶ୍ରୀମନ୍ଦିରର ବାର୍ଷିକ ବଜେଟ୍ ଉତ୍ୟାଦିବିଷୟମାନଙ୍କରେ ବ୍ୟାପକ ଆଲୋଚନା କରାଯାଇ ଦୃଢ଼ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥିଲା ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି :

ତା. ୧୫.୧.୨୦୨୦ ରିଖ ବୁଧବାର ଦିନ ମକର ସଂକ୍ରାନ୍ତି ହେତୁ ଶ୍ରୀମନ୍ଦିରରେ ପୂର୍ବ ପରମ୍ପରା ପ୍ରକାରେ ନୀତିମାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳଆଳତି, ଅବକାଶ ନୀତି ବଢ଼ିବା ପରେ ଫୁଟା ପହରଣ ଲାଗି ସହିତ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇ କର୍ପୂର ଲାଗି ପୂର୍ବକ ବେଶ ବଢ଼ିଥିଲା ।ପରେ ପାଣିପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ସରିଥିଲା । ସକାଳ ଧୂପ ସରିଲା ପରେ ମୈଲମ ହୋଇ ଯାତ୍ରାଙ୍ଗି ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ନୂଆ ଲୁଗା ଏବଂ ଛଅମୂର୍ତ୍ତି ଅଳଙ୍କାର ଲାଗି ସହିତ ବେଶ ବଢ଼ି ପାଣିପଡି ରୋଷକୁ ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ଘଣ୍ଟଛତା କାହାଳୀ ପଟୁଆର ସହିତ ତଳିଛ ପ୍ରଧାନୀ ହାତପୈଠ ପୂର୍ବକ ଭୋଗ ଛାମୁକୁ ଆସିଥିଲା । ମୁଦିରସ୍ତ ପ୍ରସାଦଲାଗି କରିବା ପରେ ତିନିଜଣ ପାଳିଆ, ପୂଜାପଣ୍ଡା ଷୋଡଶ ଉପଚାରରେ ମଧ୍ୟାହ୍ନ ଧୂପ ପୂଜା ବସିଥିଲେ । ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପାଳିଆ ପୂଜାପଣ୍ଡା, ରୋଷପାଇକ, ପତ୍ରୀବଡୁ, ସୁଆରବଡୁ ବାହରକୁ ଆସି ଭିତର ବେଢ଼ାରେ ଅଷ୍ଟଦିଗବଳି ଦେଇଥିଲେ ଏବଂ ଭିତରକୁ ଯିବା ପରେ ଭୋଗ ସମାପନ ହୋଇଥିଲା । ଏହାପରେ ପାଣି ପଡି ଟେରା ବନ୍ଧାଯାଇ ପୂର୍ବଦିନରୁ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିବା ମକର ଭୋଗ ନିମନ୍ତେ ଡାକି ଯାଇଥିଲା । ସ୍ମରଣଯୋଗ୍ୟ, ପୂର୍ବରୁ ଶୁଦ୍ଧସୁଆର ଗୋଦମରୁ ନଡିଆ, ଘିଅ, ମିଠା, ମସଲା ଓ ଦୁଧସର ନେଇ ମକର ଚାଉଳ ପ୍ରସ୍ତୁତ କରିଥିଲେ । ପରେ ପନ୍ତୀବଡୁମାନେ ବାଘମୁହାଁ ବାନ୍ଧି ସ୍ୱତନ୍ତ୍ର ପଟୁଆରରେ ମକର ଚାଉଳକୁ ୩ ବେଢ଼ା ବୁଲାଇ ଛାମୁରେ ରଖିଥିଲେ । ଏହାପରେ ମହାଭୋଇ ଦୁଧ, ଗୁଡିଆ ଶାକର, ହଡପ ନାୟକ ନଳିପାନ ଓ ଛାଚିପାନ ବେଢ଼ାକୁ ଯାଇ ଛାମୁରେ ରଖିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପଞ୍ଚୋପଚାରରେ ଭୋଗ ସରିଥିଲା । ଭୋଗ ସରିଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଦ୍ମ ବେଶ :

ତା. ୨୯.୦୧.୨୦ ରିଖ ବୁଧବାର ଦିନ ବିଗ୍ରହମାନଙ୍କର ପଦ୍ମ ବେଶ ହୋଇଥିଲା । ପ୍ରତିଦିନ ପରି ସମସ୍ତ ନୀତିମାନ ହୋଇ ସଂଧ୍ୟାଧୂପ ସରି ବଡ଼ଛତା



ମଠ ଯୋଗାଇଥିବା ବେଶ ଉପକରଣମାନଙ୍କ ଦ୍ୱାରା 'ପଦ୍ମ ବେଶ' ହୋଇଥିଲା । ରାତ୍ର ବଡସିଂହାର ଭୋଗରେ କ୍ଷୀରି ଛାମୁରେ ବଢ଼ାଯାଇ ଭୋଗ ସମାପନ ହୋଇ ପହୁଡ ହୋଇଥିଲା । ପରଦିନ ମଙ୍ଗଳ ଆଳତି ବଢ଼ିଲା ପରେ ଏହି ବେଶରେ ଦର୍ଶନାର୍ଥୀମାନେ ଦୀର୍ଘ ସମୟ ଧରି ଦର୍ଶନ କରିଥିଲେ ।

## ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା :

ତା. ୩୦.୦୧.୨୦ ରିଖ ଗୁରୁବାର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ବସନ୍ତ ପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥିଲା । ଏହିଦିନ ମଧ୍ୟାହ୍ନ ଧୂପ ସରିଲା ପରେ ମୈଲମ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରଥଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନ ଲାଗି ହେବା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ବିଜେ ହୋଇଥିଲେ । ଭିତରେ 'ଚାଚେରୀ ବେଶ'ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ ।



ବନ୍ଦାପନା ପରେ ମୁଦିରସ୍ତ ରାଜନୀତି କରିଥିଲେ । ପରେ ଘଣ୍ଟ, ଛତା କାହାଳୀ ପଟୁଆରରେ ସିଂହଦ୍ୱାର ଦେଇ ମଣିବିମାନ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ରୁନ୍ଧା ଖୋଲାଯାଇ ଠାକୁର ଠାକୁରାଣୀ ଜଗତି ଉପରେ ବିଜେ ହେଲାପରେ ଫଗୁ ଖେଳିଥିଲେ ଏବଂ ଆଲଟ ଚାମର ହୋଇ ବନ୍ଦାପନା ହୋଇଥିଲେ ।



ପରେ ବେଣ୍ଟ ପୋଖରୀକୁ 'ବେଣ୍ଟ ବିନ୍ଧିବା' ନିମନ୍ତେ ବିଜେ ହେବାରେ ବେଣ୍ଟ ବିନ୍ଧିଥିଲେ । ଏହାପରେ ଦିଅଁମାନେ ବାହୁଡା ବିଜେ କରିଥିଲେ । ଭିତରେ ସଂନ୍ଧ୍ୟାଧୂପ ସରିଲାପରେ ସରସ୍ୱତୀ ମନ୍ଦିର ନିକଟରେ 'ପାଞ୍ଜି ପୂଜା' ହୋଇଥିଲା ଏବଂ ବେହରଣ କରଣମାନଙ୍କ ଦ୍ୱାରା ୨୨ଟି ନଡିଆ ବାଡିଆ ହୋଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ରଥ ଖଳା ଠାରେ ତିନି ଗୋଟି ରଥ କାଠର ଅନୁକୂଳ ପୂଜା କରାଯାଇଥିଲା ।

## ଶ୍ରୀମନ୍ଦିରରେ ଭୈମୀ ଏକାଦଶୀ :

ତା. ୫.୦୨.୨୦ ରିଖ ବୁଧବାର ଦିନ ମାଘ ଶୁକ୍ଳ ଏକାଦଶୀ ନିମନ୍ତେ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତଦିନ ମଙ୍ଗଳ ଆଳତି, ଅବକାଶ, ବେଶବଢ଼ି ଗୋପାଳବଲ୍ଲଭ, ସକାଳଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ପଞ୍ଚାମୃତ ମହାସ୍ନାନ ହୋଇଥିଲା ।ପରେ ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା ।ପରେ ମାଳଫୁଲ ଲାଗି ସହିତ ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ମଧ୍ୟାହ୍ନ ଧୂପ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହାପରେ ୩ଜଣ ପାଳିଆ ପୂଜାପଣ୍ଡା ଷୋଡ଼ଶୋପଚାରରେ ମଧ୍ୟାହ୍ନ ଧୂପ ସାରିଥିଲେ । ଭୋଗ ସରି ପାଣି ପଡିଲା ପରେ ବନ୍ଦାପନା ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ :

ତା. ୯.୦୨.୨୦ ରିଖ ରବିବାର ଦିନ ମାଘ ପୂର୍ଣ୍ଣମୀ ଅବସରରେ ମଧ୍ୟାହ୍ନ ଧୂପ ବଢ଼ି ପାଣି ପଡିଲା ପରେ ଶ୍ରୀବିଗ୍ରହମାନେ ମୈଲମ ହୋଇଥିଲେ । ଏହାପରେ ପାଳିଆ ମେକାପ ୩ ଗୋଟି ରୂପା ପିଙ୍ଗଣରେ ଚନ୍ଦନ ଭଣ୍ଡାର ଦ୍ୱାର ଠାରୁ ସିଂହାସନ ନିକଟକୁ ନେଇଥିଲେ । ବଡବାଡରେ



ତଳୁଛ, ମହାପ୍ରଭୁଙ୍କ ବାଡରେ ଭିତରଛ ଏବଂ ମଝି ବାଡରେ ପାଳିଆ ପୁଷ୍ପାଳକ ସର୍ବାଙ୍ଗ କରିଥିଲେ । ସର୍ବାଙ୍ଗ ବଢ଼ିଲା ପରେ ଭୂଦେବୀ, ଶ୍ରୀଦେବୀ ଦକ୍ଷିଣ ଘର ଠାରେ ପଡିଥିବା ଖଟଶେଯ ଉପରକୁ ବିଜେ କରିଥିଲେ ।ଏହାପରେ ତିନି ବାଡରେ ଗଜ ଉଦ୍ଧାରଣ ବେଶ ହୋଇ କର୍ପୂର ଲାଗି ହୋଇଥିଲା । କର୍ପୂର ଲାଗି ବଢ଼ିଲାପରେ ଭୂଦେବୀ, ଶ୍ରୀଦେବୀ ବାହୁଡା ବିଜେ କରି ଶ୍ରୀଅଙ୍ଗରେ ଲାଗିଥିଲେ । ଏହାପରେ ସନ୍ଧ୍ୟା ଆଳତି ଓ ସନ୍ଧ୍ୟାଧୂପ ଅନୁଷ୍ଠିତ ହୋଇ ମହାସ୍ନାନ ହୋଇଥିଲା ।

## ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର କରି ଗଢ଼ି ତୋଳିବା ତଥା ଶ୍ରୀକ୍ଷେତ୍ରର ବିକାଶ ପରିପ୍ରେକ୍ଷୀରେ ତା.୧୬.୦୧.୨୦୨୦ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶ୍ରୀମନ୍ଦିର ପରିଦର୍ଶନ ଅବସରରେ....









## ଫଟୋରେ ଅନ୍ୟାନ୍ୟ..



ତା. ୩.୧.୨୦ରେ ପାକିସ୍ଥାନରେ ବାସ କରୁଥିବା ୧୩୩ ଜଣ ପାକିସ୍ଥାନୀ (ହିନ୍ଦୁ) ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କର ଦର୍ଶନ ସାରି ଫେରୁଛନ୍ତି ।



ତା. ୧୭.୧.୨୦ରେ କେନ୍ଦ୍ରୀୟ ଲୋକାୟୁକ୍ତ ଜଷ୍ଟିସ୍ ପିନାକୀ ଘୋଷ ସସ୍ତ୍ରୀକ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।

*ପୂର୍ବ ପ୍ରକାଶିତ ଉତ୍ତାରୁ...*

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## ୩୧- ମାର୍ଗଶିର ଶୁକ୍ଳ ଷଷ୍ଠୀ : ଓଢ଼ଣ ବା ପ୍ରାବରଣ ଷଷ୍ଠୀ

ପଞ୍ଚମୀ ଦିନ ରାତ୍ର ଚନ୍ଦନଲାଗି ବଢ଼ିବା ଉତ୍ତାରେ ଭୋଗମଣ୍ଡପ ଘରେ ପତନି ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ, ମଦନମୋହନଙ୍କ କବରି, କାଛ, ବିମଳା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଘୋଡ଼ ଅଧିବାସ ହୋଇ ରହିଥିବ। (ଆଗରୁ ଭୋଗ ମଣ୍ଡପ ଘର ଧୋ ପଖାଳ ହୋଇ ଚାନ୍ଦୁଆ ବନ୍ଧା ହୋଇଥିବ) ପଣ୍ଡା ଆସି ୩ ଗୋଟା ମଣ୍ଡଳ କାଟି ଉକ୍ତ ଚାଙ୍ଗୁଡିରେ ଥିବା ଘୋଡ଼ମାନଙ୍କୁ ଭଣ୍ଡାର ମେକାପ ରଖିବା ପରେ ପଣ୍ଡା ଅଧିବାସ କରନ୍ତି। ଏ ଉତ୍ତାରେ ଦୁଆରମାନ ମୁଦ ହୋଇ ଅନ୍ୟାନ୍ୟ ନୀତି ହୋଇ ପହୁଡ ହୋଇବ। ଏହାପରେ ବଡ଼ ସିଂହାର ଭୋଗ ସରିବାପରେ ପାଳିଆ, ପଶୁପାଳକ ୩ ଜଣ ସିଂହାସନକୁ ଉଠି ମୈଲମ କରିବେ। ପାଣିପଡି ମହାସ୍ନାନ ପୂଜା ଠା ହୋଇ ପଣ୍ଡା ୩ ଜଣ ଆସି ମହାସ୍ନାନ ବଢ଼ାଇବା ପରେ ପଶୁପାଳକ ସିଂହାସନରେ ଉଠି ଝିନ ପତନି ଲାଗି କରାଇ ଘଟୁଆରି ଘରଠାରୁ ରୂପା ପିଙ୍ଗଣ ୩ ଗୋଟାରେ ପଣ୍ଡା, ପତି, ମୁଦିରସ୍ତେ ସର୍ବାଙ୍ଗ ବିଜେ କରାଇ ଆଣି ୩ ବାଡରେ ସର୍ବାଙ୍ଗ ଲାଗି କରାଇବେ। ପଶୁପାଳକ ତଳକୁ ଓହ୍ଲାଇ ପଇଡ, ବିଡିଆ ଘଷା ମଣୋହି କରି ଆଳତି କରି ପହୁଡ ପକାଇବେ। ଏ ଦିନ ଅଧିବାସ ଯୋଗୁ ପୁଷ୍ପାଞ୍ଜଳି ଠାକୁର ବିଜେ ହୋଇବେ ନାହିଁ।

ଷଷ୍ଠୀଦିନ ସକାଳେ ଧୂପ ବଢ଼ିଲା ପରେ ପଶୁପାଳକମାନେ ମୈଲମ କରାଇବେ। ଗତଦିନ ଭୋଗମଣ୍ଡପ ଘରଠାରେ ଅଧିବାସ ହୋଇଥିବା ଘୋଡ଼ମାନଙ୍କୁ ପଣ୍ଡା, ପତି, ମୁଦିରସ୍ତ ଓ ୩ ଜଣ ପଶୁପାଳକେ ଗରାବଡୁ ଠାରୁ ହାତୁଆଣି ନେଇ ଘଣ୍ଟ, ଛତା କାହାଳୀ ସହ ତଳିଚ୍ଛ ପଟୁଆର ହୋଇ ବଡ ଦେଉଳକୁ ୩ ବେଢ଼ା ବୁଲି ଭିତର ସିଂହାସନଠାକୁ ବିଜେ କରାଇବେ। ପରେ ସିଂହାସନ ଉପରକୁ ଉଠି ପାଗ ଓ ଘୋଡଲାଗି ବଢ଼ିବା ଉତ୍ତାରେ ୬ ମୂର୍ତ୍ତି ଅଳଙ୍କାର ଲାଗି କରିବେ। ପରେ ମୁଦିରସ୍ତେ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରାଇବେ। ପଣ୍ଡା, ପତି, ମୁଦିରସ୍ତ ୩ ବାଡ ବନ୍ଦାପନା କରିବେ। ପରେ ପାଣି ପଡି ଧୋ-ପଖାଳ ହୋଇ ରୋଷକୁ ମଧ୍ୟାହ୍ନ ଧୂପ ଡାକରା ଯିବ। ରୋଷରୁ ଛେକ ଆସିବାପରେ ପଣ୍ଡା ଆସି ଷୋଡଶ ଉପଚାରରେ ପୂଜା କରିବେ।

## ୩୨- ପଣ୍ଡୁପୂର୍ଣ୍ଣିମା : ମାର୍ଗଶିର ପୂର୍ଣ୍ଣିମା

ସକାଳଧୂପ ବଢ଼ିବାପରେ ପଶୁପାଳକମାନେ ସିଂହାସନରେ ଉଠି ମୈଲମ କରି ବେଶ କରନ୍ତି ଓ ଖଣ୍ଡେ ଆଜ୍ଞାମାଳ ଲାଗିକରାନ୍ତି। ମଧ୍ୟାହ୍ନ ଧୂପ ସରିବାପରେ ଦକ୍ଷିଣଘର ଭୋଗ ସରିଲେ ମହାଜନେ ଦକ୍ଷିଣ ଘରୁ ନୃସିଂହଙ୍କୁ ସିଂହାସନକୁ ବିଜେ କରାନ୍ତି। ପଣ୍ଡା ଆସି ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଲେ ବିମାନବଡୁ ବିମାନକୁ ୪ ଆଶ୍ରମ ଭ୍ରମଣ କରାଇ ବଡ଼ ଦେଉଳକୁ ଆଣନ୍ତି ଓ ମହାଜନେ ରୁନ୍ଧା ଫିଟାଇ ଦକ୍ଷିଣି ଘରକୁ ବିଜେ କରାନ୍ତି।

## ୩୩- ଧନୁ ସଂକ୍ରାନ୍ତି :

### ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ଯାଏ ପହିଲି ଭୋଗ ମାସ

ବଲ୍ଲଭ ସହ ପହିଲି ଭୋଗ ହୁଏ।(ତାଲିକା ଦେଖନ୍ତୁ) ପ୍ରତି ଦିନ ରାତ୍ର ୨ ଘଡି ଥାଇ ଦ୍ୱାର ଫିଟା, ଆଳତି ଓ ଅବକାଶ ବଢ଼ିବ। ତାପରେ ବେଶ ହୋଇ ଘୋଡ ଓ ଅଳଙ୍କାର ଲାଗି ହେବେ। ପାଳିଆ ପଢ଼ିଆରି ଭିତର ବାହାର ଶୋଧ କଲାପରେ ଅଣସର ପିଣ୍ଡିଠାରେ ଶୁଧ ସୁଆର ବଲ୍ଲଭ ପରଖମାନଙ୍କରେ ବାଢ଼ିଲା ଉତ୍ତାରେ ବାହାରକୁ ବାହାରି ଆସେ। ପରେ ସୁଆରବଡୁ ଅମୁଣିଆ ପାଣି ପକାଇଲା ପରେ ପାଳିଆ-ପଢ଼ିଆରି ରୋଷକୁ ପହିଲି ଭୋଗ ଛେକ ଛାମୁକୁ ଆସିବା ନିମନ୍ତେ ଡାକିଯିବ। ଏ ଭୋଗରେ ବିରି ଓ ଗହମରେ ଘୃତପାକ ହୋଇଥିବା ପିଠାମାନ ଛାମୁକୁ ଆସେ ଓ ପଞ୍ଚୋପଚାରରେ ପୂଜା ହୁଏ।



ଧନୁଠାରୁ ମକର ସଂକ୍ରାନ୍ତି ଯାଏ ମଙ୍ଗଳ ଆରତି ବଢ଼ିବା ପରେ ପହିଲି ଭୋଗ ସକାଶେ ରୋଷରେ ହୋମ ହୁଏ। ଧନୁ ମାସରେ 'ଧନୁମୁଆଁ'ଭୋଗ ହୁଏ। ମକର ସଂକ୍ରାନ୍ତି ଦିନ 'ମକର ଚାଉଳ' ହୁଏ।

*ଜାଣିବା କଥା ...*

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଏକବର୍ଣ୍ଣୀ' ଶବ୍ଦର ଅର୍ଥ କ'ଣ ?
ଉ - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଏକ ପ୍ରକାର ସଞ୍ଜୁଡି ଭୋଗ ବିଶେଷ। ପନି ପରିବା, ଫୁଟଣ ଇତ୍ୟାଦି ପଡି ପ୍ରସ୍ତୁତ କରାଯାଉଥିବା ଘୃତପକ୍ୱ ଅନ୍ନ। ଏହା ଶ୍ରୀବିଗ୍ରହମାନଙ୍କ ଭୋଗ ରୂପେ ଅର୍ପଣ କରାଯାଏ।

୨. ପ୍ର - ଶ୍ରୀମନ୍ଦିରରେ 'ଏକବର୍ଣ୍ଣୀ' ପୁଷ୍ପ କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଉଥିବା ଏକ ବର୍ଣ୍ଣର ପୁଷ୍ପମାଳ।

୩. ପ୍ର - ଶ୍ରୀମନ୍ଦିରରେ ବ୍ୟବହାର କରାଯାଉଥିବା 'ଏକବିଂଶ ବତୀ'ର ଅର୍ଥ କ'ଣ ?
ଉ - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଆଳତି ସମୟରେ ଏକୋଇଶ ବତୀର ଆଳତି ଏକ ସମୟରେ ହୋଇଥାଏ। ଏହି ଆଳତି ପହଡ ଓ ପ୍ରତି ଧୂପରେ ହୋଇଥାଏ।

୪. ପ୍ର - ଶ୍ରୀମନ୍ଦିର ସେବା ପରମ୍ପରାରେ 'ଏକାଏକ ସେବକ' କହିଲେ କ'ଣ ବୁଝାଏ ?
ଉ - ଏହା ଏକ ସେବକ ବିଶେଷ। ଶ୍ରୀମନ୍ଦିରରେ କୌଣସି ନିଯୋଗଭୁକ୍ତ ନଥିବା ଏକାକୀ ସେବା କରୁଥିବା ସେବକଙ୍କୁ ବୁଝାଏ।

୫. ପ୍ର - ଶ୍ରୀମନ୍ଦିରରେ 'ଏକାଦଶୀ ନୀତି'ର ଗୁରୁତ୍ୱ କ'ଣ ?
ଉ - ଏକାଦଶୀ ଦିନ ଶ୍ରୀମନ୍ଦିର ଉପରକୁ ମହାଦୀପ ଉଠେ। ଏକାଦଶୀ ଗୁରୁବାର ପଡିଲେ 'ଦଣ୍ଡ ଛତ୍ର' ନୀତି ହୁଏ। ସୋମବାର ପଡିଲେ 'ଶମ୍ଭୁ ଏକାଦଶୀ' ନୀତି ବଢ଼େ।

୬. ପ୍ର - ଶ୍ରୀମନ୍ଦିରରେ ବ୍ୟବହାର ହେଉଥିବା ବିଭିନ୍ନ ଭୋଗ ସାମଗ୍ରୀ ମଧ୍ୟରେ 'ଏଣ୍ଡୁରି'ର ଅର୍ଥ କ'ଣ ?
ଉ - ଏହା ଏକ ପ୍ରକାର ପିଷ୍ଟକ ବିଶେଷ। ବିରି ଓ ଚାଉଳର ସମ୍ମିଶ୍ରଣରେ ଏହି ପିଠା ପ୍ରସ୍ତୁତ କରାଯାଏ। ମାର୍ଗଶିର କୃଷ୍ଣ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ। ଓଡିଶାର ଘରେ ଘରେ ଏହି ଦିନ ଏହି ପିଠା ପ୍ରସ୍ତୁତ କରାଯାଇଥାଏ। ଶ୍ରୀମନ୍ଦିରରେ ଏହିଦିନ ଶ୍ରୀବିଗ୍ରହମାନଙ୍କୁ ଧୂପରେ ଏଣ୍ଡୁରି ପିଠା ପ୍ରସାଦ ରୂପେ ପୂଜା କରାଯାଏ।

୭. ପ୍ର - ଶ୍ରୀମନ୍ଦିରରେ 'ଓଝା ମହାରଣା ସେବା'ର ଗୁରୁତ୍ୱ କ'ଣ ?
ଉ - ଶ୍ରୀମନ୍ଦିରର କମାର ସେବକ। ଏହି ସେବକ ଗୋଷ୍ଠୀ ଶ୍ରୀମନ୍ଦିରରେ ଆବଶ୍ୟକ ବେଳେ ଅର୍ଥାତ୍- ରଥ ନିର୍ମାଣ ପାଇଁ ଲୁହାକାମ ଦରକାର ବେଳେ ଶାଳ କରି ଯୋଗାଇଥାନ୍ତି। ନବକଳେବର ସମୟରେ ଦାରୁ ଅନ୍ୱେଷଣରେ ଯିବାବେଳେ, ଦାରୁ ଛେଦନ ପାଇଁ କୁରାଢ଼ୀ ଯୋଗାଇଥାନ୍ତି।


*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

# ୧୯୧୭ ମସିହା ପୁରୀ ରଥଯାତ୍ରା

## (ଭାଗ-୫୨-ସଂଖ୍ୟା ୨୫ - ତା. ୨୩ ରିଖ, ଜୁନ)

ପଞ୍ଚଦଶ ଦିନ ଅନବସର ପରେ ଗତ ମଙ୍ଗଳବାର ଶେଷ ରାତ୍ରରେ ତାଟୀ ଫିଟି ଶ୍ରୀଜିଉଙ୍କର ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା । ପରଦିନ ବୁଧବାର ମଧ୍ୟାହ୍ନରେ ଦର୍ଶନ ବନ୍ଦହୋଇ ଯଥାବିଧି ମହାସ୍ନାନ ଓ ନେତ୍ରୋତ୍ସବ ବିଧାନାନ୍ତେ ସକାଳଧୂପ ପରେ ତିନିରଥକୁ ଆଜ୍ଞାମାଳ ଆସିଥିଲା । ଅପରାହ୍ନରେ ମାଜିଷ୍ଟ୍ରେଟ୍



ଓ ପୁଲୀଶ ସାହେବ ପ୍ରଭୃତି ହାକିମମାନେ ଉପସ୍ଥିତ ଥାଇ ରଥଟଣା ଆରମ୍ଭ ହେଲା ଏବଂ ସନ୍ଧ୍ୟା ପୂର୍ବରୁ ତିନି ରଥ ରଥ ସିଂହଦ୍ୱାରରେ ଲାଗିଲେ । ଏ ବର୍ଷ ଯାତ୍ରାର ବହୁ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଥିଲା ଏବଂ ଅନ୍ୟାନ୍ୟ ବର୍ଷ ପରି ସାଜ, ମଣ୍ଡନ ଓ ଚିତ୍ରାଦିର ବ୍ୟବସ୍ଥା ହୋଇଥିଲା । ମାତ୍ର ଗତ ସୋମବାର ଠାରୁ ଲଗାଣ ବର୍ଷା ହେଉଥିବାରୁ ଚିତ୍ରାଦି ଧୋଇଯାଇଅଛି ।

ତା.୨୧ରିଖ ଗୁରୁବାର ଶ୍ରୀଗୁଣ୍ଡିଚା ଦିନ ପୂର୍ବାହ୍ନରେ ଶ୍ରୀଜିଉଙ୍କର ଖେଚେଡୀ ଭୋଗ ଓ ରଥ ପ୍ରତିଷ୍ଠାଦି ବିଧି ଶେଷ ହୋଇ ପହଣ୍ଡି ବିଜୟ ଆରମ୍ଭ ହେଲା ଏବଂ ଠାକୁରମାନେ ଠିକ୍ ମଧ୍ୟାହ୍ନରେ ରଥାରୁଢ଼ ହେଲେ । ରଥମାନଙ୍କରୁ ଚାରଫିଟି ସାରଥି ସ୍ଥାପନାଦି କାର୍ଯ୍ୟରେ ପ୍ରାୟ ୧ଘଣ୍ଟା ଅତୀତ ହେବା ପରେ ରଥ ଚାରିପାଖେ ଦଉଡି ଘେରା ଓ ଯଥାରୀତି ପୁଲିଶ ମୁତଏନ ହୋଇ ମାଜିଷ୍ଟ୍ରେଟ ଓ ପୁଲୀଶ ସାହେବ ପ୍ରଭୃତିଙ୍କ ଉପସ୍ଥିତରେ ତିନି ରଥରେ ଦଉଡି ଲାଗି ଯଥାକ୍ରମେ ରଥଟଣା ଆରମ୍ଭ ହେଲା ଏବଂ ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରାଭିମୁଖେ ଯାତ୍ରା କଲେ । ଏ ଦିନ ସ୍ୱଦେଶୀ, ବିଦେଶୀ ସମେତ ମୋଟ ଯାତ୍ରୀ ସଂଖ୍ୟା ୪୦/୫୦ ହଜାର ହୋଇଥିଲା । ସେଥି ମଧ୍ୟରୁ ଅଧିକାଂଶ ବଙ୍ଗାଳୀ ସାମାନ୍ୟ ପଶ୍ଚିମା ଅବଶିଷ୍ଟ ଉତ୍କଳୀୟ ଥିଲେ ।●




ଚଳିତ ବର୍ଷ ରଥ ଯାତ୍ରା ନିମନ୍ତେ ନୟାଗଡ଼ ବନଖଣ୍ଡ ଅଧିନସ୍ଥ ଜଙ୍ଗଲରେ 'କାଠ କଟା'ର ଶୁଭାରମ୍ଭ ।



ତା.୨୫.୧.୨୦ରେ ଚଳିତ ବର୍ଷ ରଥ ଯାତ୍ରା ନିମନ୍ତେ ନୟାଗଡ଼ ବନଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ୨ ଗୋଟି ଟ୍ରକରେ ରଥ କାଠ ଶ୍ରୀକ୍ଷେତ୍ରର ରଥ ଖଳା ଠାରେ ପହଞ୍ଚିଛି ।

# ସନ୍ଥ ତୁଳସୀ ଦାସ

ସନ୍ଥ ତୁଳସୀ ଦାସ ଥିଲେ ଶ୍ରୀରାମାନନ୍ଦଙ୍କ ପ୍ରଶିଷ୍ୟ । ରାମାନନ୍ଦଙ୍କ ରାମଭକ୍ତି ଧାରାର ପ୍ରଚାର ପାଇଁ ରାମାୟଣକୁ ଲୋକ ଭାଷାରେ ରଚନା କରିଥିଲେ ଯାହା ତୁଳସୀ ରାମାୟଣ ଭାବରେ ପ୍ରଚାରିତ । ସନ୍ଥ ତୁଳସୀ ଦାସ ଥିଲେ ସଗୁଣ ଉପାସକ ଏବଂ ଦାସ୍ୟ ଭକ୍ତି ଧାରାର ଭକ୍ତ । ତେଣୁ ରାମଙ୍କ ଠାରୁ ତାଙ୍କ ଦାସଙ୍କୁ ସେ ଅଧିକ ବୋଲି ସ୍ୱୀକାର କରିଛନ୍ତି ।



ସନ୍ଥ ତୁଳସୀ ଦାସ ରାମଚରିତ ମାନସ ରଚନା କରିବା ପରେ, ଦିନେ ସରଜୁ ନଦୀ କୂଳରେ ବାଲ୍ମିକୀ ରାମାୟଣ ପଢ଼ିବା ସମୟରେ ଉତ୍ତରାକାଣ୍ଡରେ ବିଭୀଷଣଙ୍କୁ ଶ୍ରୀରାମ ଜଗନ୍ନାଥଙ୍କୁ ଆରାଧନା କରିବା ପାଇଁ କହୁଥିବା ବିଷୟ ପଢ଼ି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଲଙ୍କାଯୁଦ୍ଧ ପରେ ଅଯୋଧ୍ୟା ଫେରି ଗଲାପରେ ଶ୍ରୀରାମଙ୍କ ଦର୍ଶନ କିପରି ମିଳିବ ବୋଲି ପଚାରିବାରୁ ଭଗବାନ ଶ୍ରୀରାମ କହିଲେ- 'ଆରାଧୟ ଜଗନ୍ନାଥଂ ଇକ୍ଷାକୁ କୁଳଦୈବତଂ ।'

ତୁଳସୀ ଦାସ ଏହି ଶ୍ଳୋକଟି ପଢ଼ି ମନରେ ପ୍ରଶ୍ନ ଉଠିଲା କିଏ ସେହି ଜଗନ୍ନାଥ ଯାହାଙ୍କ ଦର୍ଶନରେ ଶ୍ରୀରାମଙ୍କ ଦର୍ଶନର ଫଳ କଳିଯୁଗରେ ମିଳିବ । ଶ୍ରୀଜଗନ୍ନାଥ କେଉଁଠି ଅଛନ୍ତି ଜଗନ୍ନାଥଙ୍କ ଦର୍ଶନ ପାଇଁ ମନ ଉଦ୍‌ବିଗ୍ନ ହୋଇ ଉଠିଲା । ଜଗନ୍ନାଥଙ୍କ ପାଇଁ ତୀର୍ଥ ପରେ ତୀର୍ଥ ବୁଲିଲେ । ତା'ପରେ ଜାଣିବାକୁ ପାଇଲେ ଓଡ଼ିଶାର ଦକ୍ଷିଣ ସାଗର ତୀରରେ ପୁରୁଷୋତ୍ତମ କ୍ଷେତ୍ର ଠାରେ ଭକ୍ତମାନଙ୍କୁ ମୁକ୍ତିଫଳ ପ୍ରଦାୟକ ଶ୍ରୀଜଗନ୍ନାଥ ଅଛନ୍ତି ।

ଶ୍ରୀମନ୍ଦିର ବେଢ଼ା ଭିତରେ ପ୍ରବେଶ କରି ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ବିଗ୍ରହଙ୍କୁ ଦେଖି ମନ ଉଣା ହୋଇଗଲା । ସେ ରାମଲକ୍ଷ୍ମଣ ସୀତାଙ୍କୁ ଝୁରି ହୋଇ ଶ୍ରୀକ୍ଷେତ୍ର ତ୍ୟାଗ କରି ଚାଲିଗଲେ । ଫେରିବା ପଥରେ ତୁଳସୀ ଚଉରା ଠାରେ ପହଞ୍ଚିଲେ । ରାତ୍ରି ଆଗତ ହେତୁ ସେଠାରେ ବିଶ୍ରାମ ନେଲେ । ମନ ଭଲ ଲାଗୁ ନଥିଲା, ସାରା ଦିନ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଥା ଭାବି ଭାବି ଶୋଇଲେ । ଚିନ୍ତା କଲେ ବାଲ୍ମିକୀ ତ ଏତେ ଭୁଲ୍ କଥା ଲେଖି ନଥିବେ । ବୁଝିବାରେ ଭୁଲ୍ ରହିଗଲାକି ? ଚିନ୍ତା କରୁ କରୁ ପାହାନ୍ତି ପ୍ରହର ହୋଇଗଲା । ଏତିକି ବେଳେ ଆଖି ଟିକିଏ ଲାଗିଗଲା । ଏତିକି ବେଳେ ଶ୍ରୀରାମ ଧନୁର୍ବାଣ ସହ ସ୍ୱପ୍ନରେ ଦେଖା ଦେଲେ ଏବଂ ମନେ ପକାଇ ଦେଲେ, ଶ୍ରୀରାମ ଚରିତ ମାନସରେ କ'ଣ ଲେଖିଛ, ପରଂବ୍ରହ୍ମଙ୍କ ସ୍ୱରୂପ ବିଷୟରେ-

'ବିନୁ ପଦ ଚଲଇ ଶୁନଇ ବିନୁ କାନା ।
ବିନୁ କର କରହି କରମ ବିଧି ନାନା ।'

ତୁମେ କ'ଣ ଜଗନ୍ନାଥଙ୍କ ଠାରେ ବ୍ରହ୍ମଙ୍କ ସନ୍ଧାନ ପାଇଲ ନାହିଁ । ପୁଣି ଭଗବାନ ରାମ କହିଲେ ତୁଳସୀ ରାମାୟଣରେ ସଗୁଣ ନିର୍ଗୁଣର ଯେଉଁ ଚିତ୍ର ଦେଇଛ ତାହା ଭୁଲିଗଲ ?

ତୁଳସୀ ଦାସଙ୍କ ଚେତନା ଆସିଲା । ହଠାତ୍ ନିଦ ଭାଙ୍ଗିଗଲା । ରାତି ପାହୁ ପାହୁ ଶିଷ୍ୟମାନଙ୍କ ସହ ଶ୍ରୀମନ୍ଦିର ଅଭିମୁଖେ ଫେରିଲେ । ସିଂହାସନକୁ ଚାହିଁ ଦେବାକ୍ଷଣି ଦେଖିଲେ ରାମ, ଲକ୍ଷ୍ମଣ, ସୀତା ଓ ଭକ୍ତ ହନୁମାନ ବିରାଜମାନ କରିଛନ୍ତି । ତୁଳସୀ ଆଖି ବୁଜି ପୁଣି ଖୋଲିବାକ୍ଷଣି ଦେଖିଲେ ଜଗନ୍ନାଥ ମହାପ୍ରଭୁଙ୍କୁ। ସେ ଗାଇ ଉଠିଲେ-

'ଯୋହି ରାମ ସୋହି ଜଗଦୀଶା, ଦିନ ହିଁ ଏକ ଅନ୍ତ ନ ପବତ ଶେଷା ।
ଶେଷ ଭୟେ ଲଛିମନ ଅନୁଚରୀ, ଭଦ୍ରା ସୋ ସିୟ ରାଜକୁମାରୀ ।।'

ଆଖିରୁ ତାଙ୍କର ଆନନ୍ଦାଶ୍ରୁ ଗଡ଼ିଗଲା । ଜଗନ୍ନାଥଙ୍କ ଦର୍ଶନ ସାରି ଫେରିଲେ ତୁଳସୀ ଚଉରାକୁ । ସେହିଠାରେ ଠିଆ ହୋଇ ଚକ୍ର ଦର୍ଶନ କଲେ । ତେଣୁ ଏବେ ମଧ ଭକ୍ତମାନେ ସେହିଠାରୁ ଶ୍ରୀମନ୍ଦିର ଚକ୍ର ଓ ବାନାକୁ ଦଣ୍ଡବତ କରନ୍ତି ତୁଳସୀ ଚଉରା ଠାରୁ । ତୁଳସୀ ଦାସଙ୍କ ଦ୍ୱିତୀୟବାର ଦର୍ଶନର ତିଥି ଥିଲା ଶୁକ୍ଳ ଏକାଦଶୀ ଗୁରୁବାର । ତୁଳସୀ ଦାସଙ୍କ ରାମ ରୂପ ଦର୍ଶନର ସ୍ମାରକୀ ଭାବେ ଗୁରୁବାର ଏକାଦଶୀ ପଡ଼ିଲେ 'ଦଣ୍ଡଛତ୍ର' ନୀତି ହୁଏ । ଭିତରଛୁ ଲକ୍ଷ୍ମଣ ଭାବେ ଜଗନ୍ନାଥଙ୍କ ମୁଣ୍ଡରେ ଦଣ୍ଡଛତ୍ର ଧରନ୍ତି । ପାଳିଆ ସେବକ ହନୁମାନ ଭାବେ ଆଣ୍ଟୁ ପକାଇ ସେବା କରନ୍ତି । ମହାଲକ୍ଷ୍ମୀଙ୍କୁ ବାମ ଉପରେ ସୀତା ରୂପରେ ଅବସ୍ଥାନ କରନ୍ତି ।

● *ସୁନୀଲ କୁମାର ରଥ, ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ*

# ଫଟୋରେ ସଂବାଦ...



ତା. ୨୬.୧୨.୧୯ରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ର. ଡଃ. ଗଣେଶୀ ଲାଲ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୨୪.୧.୨୦ରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରହ୍ଲାଦ ସିଂହ ପଟେଲ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୩.୧.୨୦ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ତଥା ଉଚ୍ଚତମ ନ୍ୟାୟାଳୟର ନବନିଯୁକ୍ତ ପ୍ରାପ୍ତ ବିଚାରପତି ଶ୍ରୀଯୁକ୍ତ ବିନୀତ କୁମାର ସରନ୍ ସସ୍ତ୍ରୀକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଏବଂ ଜିଲ୍ଲାପାଳ ଶ୍ରୀଯୁକ୍ତ ବଲଓ୍ବନ୍ତ ସିଂହଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୨୪.୧.୨୦ରେ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟର ସଚିବ ଆଇ. ଶ୍ରୀନିବାସ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁ ଏବଂ ପ୍ରଶାସକ (ଉନ୍ନୟନ) ଶ୍ରୀ ଅଜୟ କୁମାର ଜେନାଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୧୭.୧.୨୦ରେ କେନ୍ଦ୍ର ସରକାରଙ୍କ (ନଗର ଉନ୍ନୟନ ବିଭାଗ) ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଶ୍ରୀ ଜଗଦମ୍ବିକା ପାଲ ଏବଂ ସଦସ୍ୟମାନେ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୨୫.୧.୨୦ରେ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଶ୍ରୀଯୁକ୍ତ ଏନ୍.ଭି. ରମଣ ସସ୍ତ୍ରୀକ ୫-ଟି. ସଚିବ ଶ୍ରୀଯୁକ୍ତ ଭି.କେ. ପାଣ୍ଡିୟାନ୍ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।

# ଫଟୋରେ ଅନ୍ୟାନ୍ୟ...



ତା. ୩୦.୧୨.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ହେରିଟେଜ୍ ଜୋନ୍ ପାଇଁ ଆଲୋଚନା ଚକ୍ର' ବୈଠକ ।



ତା. ୧୪.୧.୨୦ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ପରିଚ୍ଛଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସ ମହାରାଜାଙ୍କ ଅଧ୍ୟକ୍ଷତାରେ ଏବଂ ପ୍ରଶାସକ (ଉନ୍ନୟନ) ଶ୍ରୀ ଅଜୟ କୁମାର ଜେନାଙ୍କ ଉପସ୍ଥିତିରେ ଆହୂତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା 'ନୀଳାଦ୍ରି ବିହାର ସଂଗ୍ରାହଳାୟର ପୁନରୁଦ୍ଧାର ସବ୍ କମିଟି' ବୈଠକ ।



ତା. ୨୯.୧.୨୦ରେ ଭକ୍ତ ଚିନ୍ତାମଣି ଦାଶ ସସ୍ତ୍ରୀକ ଶ୍ରୀବିଗ୍ରହମାନଙ୍କ ନିମନ୍ତେ ପଦ୍ମ ବେଶ ପାଇଁ 'ପଦ୍ମ ଫୁଲ' ଧରି ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି ।



ତା. ୪.୨.୨୦ରେ ଭୁବନେଶ୍ୱର ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ଐତିହ୍ୟ କରିଡ୍‌ର' ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକ ।




ତା. ୩୦.୧.୨୦ରେ ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ବେଣ୍ଟ ଶିକାର ନିମନ୍ତେ ଦୋଳଗୋବିନ୍ଦଙ୍କସହ ଶ୍ରୀଦେବୀ ଓ ଭୂଦେବୀ ବିରାଜମାନ କରିଛନ୍ତି ।



ତା. ୩୦.୧.୨୦ରେ ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ବଲ୍ଲଭ ଠାରେ ମହାପ୍ରଭୁଙ୍କ ପାରମ୍ପରିକ 'ବେଣ୍ଟ ନୀତି' ପାଳନ କରାଯାଉଛି ।

# ତୁମ ବାହୁଡ଼ାରେ ମୋତେ ନିଅ ବାହୁଡ଼ାଇ

୧୯୮୩ ମସିହାର ରଥଯାତ୍ରା ସମୟ । ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ-ଭଉଣୀଙ୍କ ସହ ତିନୋଟି ରଥରେ ଯାଇ ଗୁଣ୍ଡିଚା ମନ୍ଦିରରେ ବିଜେ ହୋଇଥାନ୍ତି । ଗୁଣ୍ଡିଚା ଘରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଥାନ୍ତି । ଗରୁଡ଼ ଖମ୍ବ ପଛରେ ଠିଆ ହୋଇ ଜଣେ ଭକ୍ତ ଜଣାଣ ବୋଲୁଥାନ୍ତି । ଆଖିରୁ ଧାର ଧାର ଲୁହ ବହି ଯାଉଥାଏ । କରପତ୍ର ଯୋଡ଼ି ଗାଇ ଚାଲିଥାନ୍ତି ତାଙ୍କ ଅନ୍ତରର ଗଭୀରତମ ପ୍ରଦେଶରୁ ବାହାରି ଆସୁଥିବା ଆକୁଳଭରା ସଙ୍ଗୀତ । 'ମହାପ୍ରଭୁ ! ଶରୀର ଜରାଗ୍ରସ୍ତ । ହସ୍ତପଦ ଅଚଳ ହେବାକୁ ବସିଲାଣି । ଆଉ ବାଇଶି ପାହାଚ ଉପରକୁ ଉଠି ପାରୁ ନାହିଁ । ଗୁଣ୍ଡିଚା ମନ୍ଦିରକୁ ବଡ଼ କଷ୍ଟରେ ଆସିଛି ସନ୍ଧ୍ୟା ଦର୍ଶନ କରିବା ପାଇଁ । ଏଇ ଦର୍ଶନ ମୋର ଶେଷ ଦର୍ଶନ ହେଉ ମଣିମା ! ତୁମ ବାହୁଡ଼ା ଯାତ୍ରାବେଳେ ମୋତେ ତୁମ ବୈକୁଣ୍ଠପୁରକୁ ବାହୁଡ଼ାଇ ନିଅ ଏତିକି ମାତ୍ର ପ୍ରାର୍ଥନା । ବର୍ଷକଯାକ ବଡ଼ ଦେଉଳର ଗରୁଡ଼ ଖମ୍ବ ପଛରେ ଠିଆ ହୋଇ ଏଇ ଭକ୍ତ ଜଣାଣ ବୋଲିବାର ଲୋକମାନେ ଦେଖିଛନ୍ତି । ''ମଣିମା, ଦୁଃଖ ଶୁଣିବ କି ନା ହେ ମଣିମା'' ଏଇ ଜଣାଣ ପଦକ କାନରେ ପଡ଼ିଗଲେ ମନପ୍ରାଣ ମହାପ୍ରଭୁଙ୍କ ଚରଣାରବିନ୍ଦରେ ଲୋଟି ପଡ଼େ । ଭକ୍ତଙ୍କ ଆକୁଳ ଅନ୍ତରର ବିକଳ ପ୍ରାର୍ଥନାରେ ଭକ୍ତ ଭଗବାନ ମୋହିତ ହୋଇଗଲା ପରି ଲାଗେ । ଭକ୍ତ ଜଣକ ହେଉଛନ୍ତି ମହାପ୍ରଭୁଙ୍କର ଚାମର ସେବକ ନିମାଇଁ ଚରଣ ହରିଚନ୍ଦନ । କେନ୍ଦ୍ରାପଡ଼ାର ସ୍ୱନାମଧନ୍ୟ ଜମିଦାର ଏବଂ ଦାନବୀର ରାଧାଶ୍ୟାମ ନରେନ୍ଦ୍ରଙ୍କ ନାତି । ଲୋକମାନେ କହନ୍ତି ସ୍ୱର୍ଗର ଇନ୍ଦ୍ରଙ୍କ ପରି ମର୍ତ୍ତ୍ୟରେ ରାଧାଶ୍ୟାମ ନରେନ୍ଦ୍ର । ସେହି ନରେନ୍ଦ୍ର ବଂଶ କାଳକ୍ରମେ ଉଜୁଡ଼ିଗଲା । କର୍ପୂର ଉଡ଼ିଯାଇ କନା ପଡ଼ି ରହିଲା ପରି ଜଣେ ସଙ୍ଗୀତଜ୍ଞ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ, ନରେନ୍ଦ୍ର ବଂଶର ମର୍ଯ୍ୟାଦାକୁ ରକ୍ଷା କରିଥିଲେ । ପୁତୁରା ନିମାଇଁଙ୍କ କଣ୍ଠ ସ୍ୱରରେ ମୁଗ୍ଧ ହୋଇ ତାଙ୍କ ହାତରେ ହାରମୋନିୟମଟିଏ ଧରାଇ ଦେଇଥିଲେ । ସେହି ହାରମୋନିୟମଟିକୁ ସାଥିରେ ଧରି ନିମାଇଁ ଗାଇ ଚାଲିଲେ ପୁରାତନ ଓଡ଼ିଆ ଜଣାଣ, ଭଜନ, ଛାନ୍ଦ ଚୈାପଦୀ ଏବଂ ପୁରାଣ କାହାଣୀ । ଏଚ୍.ଏମ୍.ଭି କମ୍ପାନୀ ତାଙ୍କ ଗୀତଗୁଡ଼ିକୁ ରେକର୍ଡ଼ କରିଥିଲା । ଓଡ଼ିଶାର ପୁରପଲ୍ଲୀରେ ଏହି ରେକର୍ଡ଼ କଳଗାଉଣା ମାଧ୍ୟମରେ ପ୍ରଚାରିତ ହୋଇ ଲୋକପ୍ରିୟ ହେଲା । ନିମାଇଁଙ୍କ ଗୀତରେ ମୁଗ୍ଧ ହୋଇ ଆଠଗଡ଼ର ରାଜା ତାଙ୍କ ରାଜ୍ୟରେ ରହିବା ପାଇଁ ନିମାଇଁଙ୍କୁ ନିମନ୍ତ୍ରଣ କଲେ । ତାଙ୍କ ପାଇଁ ବାସଭବନ ନିର୍ମାଣ କରିଦେଲେ ଏବଂ ଏକଶହ ଏକର ଜମି ତାଙ୍କ ନାମରେ ପଟ୍ଟା କରିଦେଲେ । ନିମାଇଁ ଚରଣଙ୍କୁ 'ବାଣୀକଣ୍ଠ' ଉପାଧିରେ ଭୂଷିତ କରାଗଲା । କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ତରଫରୁ ସମ୍ମାନିତ କରାଗଲା । କଟକ ଠାରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା ହେବା ପରେ ନିମାଇଁ ଚରଣ ଆକାଶବାଣୀର ସଙ୍ଗୀତ ବିଭାଗରେ ନିୟମିତ ସଙ୍ଗୀତ ପରିବେଷଣ କଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ତାଙ୍କୁ ସମ୍ମାନିତ କଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଜନ ଜଣାଣ ଗାଇ ଗାଇ ନିମାଇଁଙ୍କ ମନପ୍ରାଣ ଜଗନ୍ନାଥମୟ ହୋଇଗଲା । ସଂସାର ଜଞ୍ଜାଳକୁ ଛି କରିଦେଇ ସେ ଶ୍ରୀକ୍ଷେତ୍ରରେ ରହିବାକୁ ମନ ବଳାଇଲେ । ପୁରୀ ମାଟିମଣ୍ଡପ ସାହିରେ ଘରଟିଏ କିଣି ସପତ୍ନୀକ ସେଠାରେ ବାସ କଲେ । ଗଜପତି ମହାରାଜା ତାଙ୍କୁ ମହାପ୍ରଭୁଙ୍କ 'ଚାମର ସେବା' ପାଇଁ ଅନୁମତି ଦେଲେ । ଶ୍ରୀକ୍ଷେତ୍ରବାସୀ ହେବା ପରେ ୧୯୭୬ ମସିହାରେ କେନ୍ଦ୍ର ସରକାର ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କଲେ । ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜରେ ତାଙ୍କର ତୈଳଚିତ୍ର ଫଟୋ ଉନ୍ମୋଚିତ ହେଲା ।



ସେତେବେଳକୁ ନିମାଇଁ ଚରଣ ହରିଚନ୍ଦନ କେବଳ 'ବାଣୀକଣ୍ଠ' ନାମରେ ଏବଂ ମହାପ୍ରଭୁଙ୍କ ଚାମର ସେବକ ଭାବେ ପରିଚିତ ହୋଇଗଲେଣି । ଶ୍ରୀମହାପ୍ରସାଦ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟଦ୍ରବ୍ୟ ଗ୍ରହଣ କରୁ ନଥିଲେ । ରୋଗ ଭୋଗ କରୁଥିବା ଲୋକମାନେ ଆସି ତାଙ୍କ ପାଖରେ ରୁଣ୍ଡ ହେଉଥିଲେ ରୋଗରୁ ମୁକ୍ତି ପାଇବା ପାଇଁ । ଭାଗବତ ମହାପୁରାଣ ପାଠ କରି ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ ଏବଂ ରୋଗୀମାନେ ରୋଗମୁକ୍ତ ହୋଇଯାଉଥିଲେ । ପୁରୀରେ ଯେଉଁମାନେ ତାଙ୍କୁ ଦେଖିଛନ୍ତି ସେମାନେ ଜଣେ ଦେବପୁରୁଷଙ୍କୁ ଦର୍ଶନ କରିଛନ୍ତି, କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର 'ବାକ୍‌ସିଦ୍ଧି' ହୋଇଯାଇଥିଲା । ଏହି ମହାପୁରୁଷ ୧୯୦୧ ମସିହା ଜୁଲାଇ ମାସ ୯ତାରିଖରେ କେନ୍ଦ୍ରାପଡାରେ ଜନ୍ମ ହୋଇଥିଲେ । ୮୨ ବର୍ଷ ବୟସରେ ୧୯୮୩ ମସିହା ଜୁଲାଇ ମାସ ୧୯ ତାରିଖରେ ସ୍ୱର୍ଗାରୋହଣ କଲେ । ବାହୁଡା ଯାତ୍ରା ଦିନ ମହାପ୍ରଭୁ ପହଣ୍ଡି ବିଜେ ହେବାବେଳେ ଭକ୍ତରାଜଙ୍କର ପ୍ରାଣ ପକ୍ଷୀଟି ମର୍ତ୍ତ୍ୟରୁ ବୈକୁଣ୍ଠ ଧାମକୁ ଉଡିଗଲା । ଲୋକମୁଖରେ ରହିଗଲା ଭକ୍ତଙ୍କର ଶେଷ ଜଣାଣ ପଦିକ -

''ତୁମ ବାହୁଡାରେ ମୋତେ ନିଅ ବାହୁଡ଼ାଇ ।''

*ଶ୍ରୀ ଶଂକର୍ଷଣ ମଂଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## କୁମ୍ଭ ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୩.୦୨.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ କୁମ୍ଭ ସଂକ୍ରାନ୍ତି |
| ତା. ୧୯.୦୨.୨୦ ରିଖ ବୁଧବାର | ପଙ୍କୋଦ୍ଧାର ଏକାଦଶୀ |
| ତା. ୨୧.୦୨.୨୦ ରିଖ ଶୁକ୍ରବାର | ମହା ଶିବରାତ୍ରି |
| ତା. ୦୪.୦୩.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଚାଚେରୀ ବେଶ |
| ତା. ୦୫.୦୩.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଦୋଳଯାତ୍ରା ଆରମ୍ଭ (ଫଗୁ ଦଶମୀ) |
| ତା. ୦୬.୦୩.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ |
| ତା. ୦୮.୦୩.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ରାଜାଭିଷେକ |
| ତା. ୦୯.୦୩.୨୦ ରିଖ ସୋମବାର | ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ରାଜବେଶ |
| ତା. ୧୦.୦୩.୨୦ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ହୋଲି |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Ph. : 222145**

ମୂଲ୍ୟ : ଦୁଇଟଙ୍କା ମାତ୍ର